# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ସଦର

**ବିଜ୍ଞାପନ ସଂଖ୍ୟା...୧୧୮...ତାରିଖ...୧୫.୦୨.୨୦୨୫**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମହିଳା ଶିଶୁ ବିକାଶ ବିଭାଗ, ଓଡିଶା ସରକାର, ଭୁବନେଶ୍ୱର ପତ୍ରସଂଖ୍ୟା-୪୯୭୦ ତା୧୫.୦୩.୨୦୨୩ ଦ୍ୱାରା ଦର୍ଶାଯାଇଥିବା** ସଂଶୋଧିତ ମାର୍ଗଦର୍ଶିକା ଅନୁଯାୟୀ ଢେଙ୍କାନାଳ ସଦର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଖାଲିପଡିଥିବା ମାଝିସାହି **ଅଙ୍ଗନୱାଡି କେନ୍ଦ୍ର ସହାୟିକା** ନିଯୁକ୍ତି ନିମନ୍ତେ ଅଙ୍ଗନୱାଡି ଅଞ୍ଚଳର ଯୋଗ୍ୟପ୍ରାର୍ଥିନୀ ମାନଙ୍କଠାରୁ **Online Portal** ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି, ଆଗ୍ରହୀ ପ୍ରାର୍ଥିନୀ ମାନେ ତା.-୧୭ -୦୨ -୨୦୨୫ ରିଖ ଠାରୁ ତା. ୦୩-୦୩ -୨୦୨୫ ରିଖ ପର୍ଯ୍ୟନ୍ତ **Online** ମାଧ୍ୟମରେ ଆବେଦନ କରିପାରିବେ। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୦୩-୦୩ -୨୦୨୫ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ କେବଳ ନିମ୍ନଲିଖିତ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନେ ଆବେଦନ କରିପାରିବେ।

**ପ୍ରକାଶଥାଉ କି ଏହି ବିଜ୍ଞାପନ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ ରଦ୍ଦ କରାଯାଇପାରିବ।**

୧.ଆଗ୍ରହୀ ମହିଳା ପାର୍ଥିନୀ ମାନେ Website :http://engagement-awc.odisha.gov.in ରେ ରେଜିଷ୍ଟ୍ରେସନ କରିବେ ଏବଂ Public Login କରି (Username &Password ) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରି ତତ୍ ସମ୍ପର୍କିତ ପ୍ରାପ୍ତି ସ୍ୱୀକାର ପାଇପାରିବେ। ଆପଣମାନେ ମଧ୍ୟ Engagement-AWC Portal ର homepage ରେ **How to apply for AWW/AWH vacancies ଟାବ୍ ରୁ ଦରଖାସ୍ତ କରିବାର ସମସ୍ତ ଉପଦେଶ ପାଇପାରିବେ।**

୨. ପ୍ରାର୍ଥିନୀଙ୍କର ବୟସ ତା-୦୧-୦୧-୨୦୨୫ ରିଖ ସୁଦ୍ଧା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ହେଇଥିବା ଆବଶ୍ୟକ।

୩. ବିଜ୍ଞାପନ ପ୍ରକାଶନ ଦେବା ପୂର୍ବରୁ ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ସର୍ଭେ ତଥା ସେବା ପରିସର ଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହେଇଥିବେ ଏବଂ ପରିସର ମଧ୍ୟରେ ବସବାସ କରୁଥିବେ।

୪.ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଦଶ (+୨) ପାସ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ। ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପାର୍ଥିନୀଙ୍କୁ ଅତିରିକ୍ତ ପଏଣ୍ଟ ଦିଆଯିବ।

୫.ବିଧବା, ସ୍ୱାମୀ ପରିତ୍ୟକ୍ତା, ଅନାଥ ମହିଳା,ଅସହାୟଙ୍କୁ (ସଠିକ ପ୍ରମାଣ ପତ୍ର ଥାଇ) ଏହି ପଦବୀ ନିମନ୍ତେ ନିମ୍ନଲିଖିତ ପ୍ରକାରରେ ନିୟମ ଅନୁସାରେ ଅତିରିକ୍ତ ପଏଣ୍ଟ ଦିଆଯିବ।

| କ୍ର ନଂ. | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜାତି /ଅନୁସୂଚିତ ଜନଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ମହିଳା ଯେଉଁ ମାନଙ୍କର ଜୈବିକ କିମ୍ବା ବିଧିକ ମାତା ପିତା ନଥିବେ | ୧୦ |
| ୪ | ନିରାଶ୍ରୟ /ସ୍ୱାମୀପରିତ୍ୟକ୍ତା /ଛାଡପତ୍ର ପାଇଥିବା ମହିଳା | ୦୫ |
| ୫ | ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀନି | ୦୫ |

ଶ୍ରୀମତୀ ସରିତା ମହାନ୍ତି, ୧/୧୫/୦୨/୨୦୨୫

୬. ଓଡ଼ିଆ ଭାଷା ଉପରେ ଜ୍ଞାନ ଥିବା ବାଧ୍ୟତାମୂଳକ ।
୭.ପ୍ରାର୍ଥୀନୀ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ ବିଦ୍ୟାଳୟର ଶିଶୁ ନିମନ୍ତେ ରନ୍ଧନକାର୍ଯ୍ୟ, ଖାଦ୍ୟ ପରଷିବା କାର୍ଯ୍ୟ ଓ ଅଙ୍ଗନୱାଡିକର୍ମୀଙ୍କୁ ପ୍ରତିଦିନର କାର୍ଯ୍ୟକ୍ରମରେ ସହାୟତା କରିବା ପାଇଁ ପ୍ରସ୍ତୁତ ଥିବା ଆବଶ୍ୟକ।
୮. ବିଶଦ ବିବରଣୀ dhenkanal.nic ୱେବସାଇଟ ଉପଲବ୍ଧ ଅଛି ।

ଆବେଦନପାଇଁଆବଶ୍ୟକୀୟପ୍ରମାଣପତ୍ର :-

୧. ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ,ମାର୍କସିଟ ର(ଆଗପଛ) ଅବିକଳ ନକଲ ଗୁଡିକ online ଫର୍ମରେ ଅପଲୋଡ କରିବେ।
୨. ତହସିଲ କାର୍ଯ୍ୟାଳୟରୁ ୦୧.୦୧.୨୦୨୫ ରିଖ ପରେ ପ୍ରାପ୍ତ ହେଇଥିବା ବାସିନ୍ଦା ପ୍ରମାଣ ପତ୍ରର ଅବିକଳ ନକଲ online ଫର୍ମରେ ଅପଲୋଡ କରିବେ।
୩. ତହସିଲ କାର୍ଯ୍ୟାଳୟରୁ ପ୍ରାପ୍ତ ହେଇଥିବା ଜାତିଗତ ପ୍ରମାଣପତ୍ରର ଅବିକଳନ ନକଲ online ଫର୍ମରେ ଅପଲୋଡ କରିବେ।
୪. ପ୍ରାର୍ଥିନୀ ନିଜ ଦସ୍ତଖତ, ଭୋଟର ପରିଚୟପତ୍ର ,ଆଧାରକାର୍ଡ, ବର୍ତ୍ତମାନର ପାସପୋର୍ଟ ଫଟୋ, ଅଙ୍ଗନୱାଡି କେନ୍ଦ୍ରପରିସର ଗୃହ ସର୍ଭେସଂଖ୍ୟା ଗୁଡିକ online ଫର୍ମରେ ଅପଲୋଡ କରିବେ।
୫. ବିଧବା ,ସ୍ୱାମୀ ପରିତ୍ୟକ୍ତା, ଅନାଥ ମହିଳା, ଅସହାୟ ହୋଇଥିଲେ,ଏହାର ପ୍ରମାଣପତ୍ର online ଫର୍ମରେ ଅପଲୋଡ କରିବେ।

**ବି:ଦ୍ର- ସମସ୍ତ ଆନୁସଙ୍ଗିକ ପ୍ରମାଣପତ୍ରର ନିଜ ଅନୁପ୍ରାମାଣିକ ନକଲ (Self-Attested Copy) online ଫର୍ମରେ ଅପଲୋଡ କରିବେ। କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବନାହିଁ। ଅସମ୍ପୂର୍ଣ୍ଣ ତଥା ଆବଶ୍ୟକ ପ୍ରମାଣପତ୍ର ଅପଲୋଡ ହୋଇନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।(ଘୋଷଣା ପ୍ରମାଣପତ୍ର ଦାଖଲପାଇଁ କୌଣସି ଘୋଷଣାନାମା ଗ୍ରହଣ କରାଯିବନାହିଁ)**

ପ୍ରାପ୍ତ ହୋଇଥିବା ସମସ୍ତ online ଦରଖାସ୍ତ ଗୁଡିକ ନିମ୍ନସ୍ୱାକ୍ଷରକାରିଣୀ ଙ୍କ କାର୍ଯ୍ୟାଳୟରେ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚକରାଯିବ। ଏଣୁ ତା. ୦୪-୦୩-୨୦୨୫ ରିଖ ଦିନ୧୧ଘଟିକା ସମୟରେ ନିଜର ମୂଳ ପ୍ରମାଣପତ୍ର ଗୁଡିକ ସହ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଭାଗନେବେ ନଚେତ ଦରଖାସ୍ତ ରଦ୍ଦ କରାଯିବ। ଖାରଜ ହେଇଥିବା କିମ୍ବା କାଏମ ଥିବା ଆବେଦନକାରୀଙ୍କ ତାଲିକା Online website: http://engagement-awc.odisha.gov.in ମାଧ୍ୟମରେ ପ୍ରକାଶ କରାଯିବ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରାର୍ଥୀନୀ ମାନଙ୍କର ବାସିନ୍ଦା, ଜାତି ଓ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ବିରୁଦ୍ଧରେ ଯଦି କାହାର କୌଣସି ଅଭିଯୋଗ ଥାଏ ତେବେ ତା.୦୫-୦୩-୨୦୨୫ ରିଖ ଠାରୁ ତା.୧୧-୦୩-୨୦୨୫ ରିଖ ମଧ୍ୟରେ Public Login କରି Online ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ।

ସରକାରଙ୍କ ନିୟମ ଅନୁଯାୟୀ ମାସିକହାରରେ ପାରିଶ୍ରମିକ ଦିଆଯାଇଥାଏ, ଯାହାକି ବର୍ତ୍ତମାନ ସ୍ଥଳେ ମାସକୁ ୫୦୦୦ (ପାଞ୍ଚ ହଜାର ) ଟଙ୍କା ମାତ୍ର ଦିଆଯାଉଅଛି।

ଶ୍ରୀମତୀ ସରିତା ନାୟକ, ୦୮/୦୨/୨୦୨୫.

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତ | ଅଙ୍ଗନୱାଡି କେନ୍ଦ୍ରର ନାମ | ରାଜସ୍ୱ ଗ୍ରାମ /ଗ୍ରାମ /ସାହି/ ପଡାରନାମ | କେନ୍ଦ୍ରସେବା ପରିସରଭୁକ୍ତ ଗ୍ରାମ /ରାଜସ୍ୱ ଗ୍ରାମ | |
|---|---|---|---|---|---|
| ୧ | ସପ୍ତସଜ୍ୟା | ମାଝିସାହି | ମାଝିସାହି | ମାଝିସାହି ସାହି | ସନାତନ ମୁଦୁୟା ଙ୍କ ଘର ଠାରୁ ଶାଙ୍ଖ୍ୟ ବେଶ୍ରା ଙ୍କ ଘର ପର୍ଯ୍ୟନ୍ତ। |
| | | | | ବାନା ସାହି | ଜେନା ଲାଗୁରୀ ଙ୍କ ଘର ଠାରୁ ଶରତ ଦେହୁରୀ ଙ୍କ ଘର ପର୍ଯ୍ୟନ୍ତ। |
| | | | | କାଜୁ ସାହି | ଶ୍ରୀକାନ୍ତ ଲାଗୁରୀ ଙ୍କ ଘର ଠାରୁ ଚରନ ବିରୁଲି ଙ୍କ ଘର ପର୍ଯ୍ୟନ୍ତ। |

ଶ୍ରୀମତୀ ସରିତା ନାୟକ, ୧୪/୦୨/୨୦୨୪
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ଢେଙ୍କାନାଳ ସଦର

ଜ୍ଞାପକ ସଂଖ୍ୟା ୧୧୮ ତାରିଖ ୧୪.୦୨.୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଢେଙ୍କାନାଳ ସଦର / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଢେଙ୍କାନାଳ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଢେଙ୍କାନାଳ ସଦର/ଗୋଷ୍ଠୀ ଶିକ୍ଷା ଅଧିକାରୀ ,ଢେଙ୍କାନାଳ ସଦର ବ୍ଲକ ଙ୍କ ଅବଗତି ତଥା ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ମରାଯିବାପାଇଁ ଅନୁରୋଧ କରାଗଲା ।

ଶ୍ରୀମତୀ ସରିତା ନାୟକ ୧୪/୦୨/୨୦୨୪
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ଢେଙ୍କାନାଳ ସଦର

ଜ୍ଞାପକ ସଂଖ୍ୟା ୧୨୦ ତାରିଖ ୧୪.୦୨.୨୦୨୪

ଏହାର ଏକକିତା ନକଲ ସମ୍ପୃକ୍ତ ସରପଞ୍ଚ /ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟ କର୍ମୀ ଙ୍କ ଅବଗତିନିମନ୍ତେ ପ୍ରେରଣ କରାଗଲାଏବଂ ପଞ୍ଚାୟତ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ଲଗାଇବା ନିମନ୍ତେ ଅନୁରୋଧ କରାଗଲା।

ଏହାର ଏକକିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶୀକା/ ଅଙ୍ଗନୱାଡି କର୍ମୀ ଙ୍କୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଏହି ବିଜ୍ଞାପନକୁ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ୩-୪ ଗୋଟି ଜନଗହଳି ସ୍ଥାନରେ ଲଟକା ଜାରି କରାଇବା ସହିତ ବିଜ୍ଞାପନ ର ବହୁଳ ପ୍ରଚାର କରାଇବେ ଓ ସମସ୍ତଙ୍କଠାରୁ ଦସ୍ତଖତ ଆଣି କାର୍ଯ୍ୟାଳୟରେ ଦାଖଲ କରିବେ ।

ଶ୍ରୀମତୀ ସରିତା ନାୟକ ୧୪/୦୨/୨୦୨୪
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଢେଙ୍କାନାଳ ସଦର